# ଅନୁଭୂତିରୁ....

ଜମି ଓ ଜଙ୍ଗଲକୁ ଛାଡି ମୋର ଅନ୍ୟ ରୋଜଗାରର ପନ୍ଥା କିଛି ନାହିଁ କହିଲେ ଚଳେ । ଏହିପରି ଏକ ସମୟରେ ଆମ ଗ୍ରାମ ଲାଉରୀଗୁଡାକୁ ଜଳଛାୟା ପ୍ରକଳ୍ପର ଅନ୍ତର୍ଭୁକ୍ତ କରାଗଲା । ରୋଜଗାରର ଅନେକ ପନ୍ଥା ବିଷୟରେ ସଭାସମିତିମାନ କରାଯାଇ ଲୋକଙ୍କୁ ବୁଝାଗଲା । ବିଭିନ୍ନ ପ୍ରଶିକ୍ଷଣ ମାନ ଦିଆଗଲା । ତାହା ମଧ୍ୟରୁ (ଉନ୍ନତ ଗୋପାଳନ) ଅନ୍ୟତମ ଥିଲା । ବିଭିନ୍ନ ସମୟରେ ଜିଲ୍ଲା ସ୍ତରୀୟ, ଉପଖଣ୍ଡ ସ୍ତରୀୟ ଏବଂ ପଞ୍ଚାୟତ ସମିତି ସ୍ତରୀୟ ପଶୁ ଅଧିକାରୀମାନେ ଆସି ଆମକୁ ପଶୁପାଳନ ସମ୍ବନ୍ଧୀୟ ଅନେକ ତଥ୍ୟ ଓ ପ୍ରଶିକ୍ଷଣ ପ୍ରଦାନ କଲେ ।

ମୋତେ ସ୍ଥାନୀୟ ପଶୁ ଚିକିତ୍ସାଧିକାରୀ ଏବଂ ବି.ଡି.ଓ. ମହାଶୟ ଗୋପାଳନ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ସ୍ଥାନୀୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ମୋ ସ୍ତ୍ରୀ ଶ୍ରୀମତୀ ସମରା ଖିଲାଙ୍କ ନାମରେ ଏକ ଗାଈ ଋଣ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନାରେ ମଞ୍ଜୁର କରିଦେଲେ । ଗାଈଟି ମୋତେ ବିଗତ ୨୦୦୦ ମସିହା ଅଗଷ୍ଟ ମାସରେ ମିଳିଥିଲା । ମୋ ଭାଗ୍ୟକୁ ଗାଈ ସହ ଏକ ଶଙ୍କର ଜାତୀୟ ମାଈ ବାଛୁରୀ ମିଳିଥିଲା । ପଶୁ ଚିକିତ୍ସାଧିକାରୀଙ୍କ ଉପଦେଶ ପାଇ ମୁଁ ଗାଈ ଓ ବାଛୁରୀର ଉପଯୁକ୍ତ ଯତ୍ନ ନେଲି, ଗାଈଟି କିଣିଲା ବେଳେ ୧୦ ଲିଟର କ୍ଷୀର ଦେଉଥିଲା । ସୁଷମ ଦାନା ସହ ଧାତବ ଲବଣ ମିଶ୍ରଣ (Mineral - Mixture) ଦେବାରୁ ମୋ ଗାଈଟି ଆଉ ୧୦ ଲିଟର କ୍ଷୀର ବଢାଇଥିଲା । ମୋର ଆଗ୍ରହ ଆହୁରି ବଢିଯାଇଥିଲା । ପଶୁ ଡାକ୍ତରଙ୍କ ପରାମର୍ଶରେ ୧୦ ଡେସି ଜାଗାରେ ସବୁଜ ଘାସ ଚାଷ କରିଥିଲା । ପ୍ରତିଦିନ ସବୁଜ ଘାସ ଦେବାର ଗାଈ ଚିକ୍କଣିଆ ଓ ସୁନ୍ଦର ଦେଖାଯାଉଥିଲା । ଗାଈଟି ଆଣିବାର ୨ ମାସ ମଧ୍ୟରେ ଗରମକୁ ଆସିଥିଲା ଏବଂ ଡାକ୍ତରଙ୍କ ପରାମର୍ଶ କ୍ରମେ କୃତ୍ରିମ ପ୍ରଜନନ କରାଇଥିଲି । ଏହାର ୨ ମାସ ପରେ ଡାକ୍ତର ବାବୁ ଗାଈଟି ପରୀକ୍ଷା କରି ଗର୍ଭ ଥିବାର କହିଥିଲେ । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁଷମ ଦାନା ଓ ଧାତବ ଲବଣ ମିଶ୍ରଣ ପ୍ରଦାନ କରିବାରୁ ଗାଈଟି ୯ ମାସ ଧରି ୮-୧୦ ଲିଟର କ୍ଷୀର ଦେଉଥିଲା ।

ସେହି କ୍ଷୀରକୁ ସ୍ଥାନୀୟ ଦୁଗ୍ଧ ସମବାୟ ସମିତିରେ ଦେଇ ଲିଟର ପିଛା ୧୦ ଟଙ୍କା ଲେଖାଏଁ ପାଉଥିଲି । ଏହିପରି ପ୍ରତି ମାସର କ୍ଷୀର ବିକ୍ରିରୁ ୧୫୦୦ ରୁ ୧୭୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଉଥିଲି । ସେଥିରୁ ବ୍ୟାଙ୍କର ଋଣ ଠିକ୍ ସମୟରେ ପରିଶୋଧ କରିବାରୁ ୬ ମାସ ମଧ୍ୟରେ ଆଉ ଏକ ଗାଈ ମୋତେ ଋଣ ଆକାରରେ ମିଳିଥିଲା ।



ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ଉପଦେଶ ଅନୁସାରେ ମୁଁ ଋଣ ଟଙ୍କା (ଛାଡ ଟଙ୍କା ବାଦ୍) ଶୀଘ୍ର ଶୁଝିଦେଲି । ବର୍ଷକ ମଧ୍ୟରେ ଗାଈ ଦୁଇଟି ସମ୍ପୂର୍ଣ୍ଣ ଭାବେ ନିଜର ହୋଇଯାଇଥିଲା । ଦ୍ୱିତୀୟ ଗାଈଟିର ଏକ ଅଣ୍ଡିରା ବାଛୁରୀ ଥିଲା । ତାକୁ ମୁଁ ଏ ବର୍ଷ ୧୦୦ ଟଙ୍କାରେ ବିକ୍ରି କରି ଦେଇଛି । ସେହି ଟଙ୍କାରେ ଛେଳିଟିଏ କିଣିଛି । ବର୍ତ୍ତମାନ ମୋ ପାଖରେ ଦୁଇଟି ଗାଈ ୩ଟି ଛଡା ଓ ଗୋଟିଏ ଛେଳି ଅଛନ୍ତି । ଦୁଇଟି ଗାଈ ଓ ଦୁଇଟି ଛଡା ଗର୍ଭ ଅଛନ୍ତି । ଗାଈଟି ୭ ଲିଟର କ୍ଷୀର ଦେଉଛି । ଗାଈ ଏବଂ ଛଡାମାନେ ଛୁଆ ଜନ୍ମ କଲେ ମୁଁ ଭଲ ଦୁଇ ପଇସା ପାଇବି ବୋଲି ଆଶା ରଖିଛି । ଗାଈ ପାଳନ କରି ମୁଁ ଲାଭବାନ ହୋଇଛି । ଜଳଛାୟା ପ୍ରକଳ୍ପର ଗୋପାଳନ ଯୋଜନା ମୋର ତଥା ମୋ ଗାଁର ଅନ୍ୟ ଚାଷୀମାନଙ୍କ ଆଖି ଖୋଲି ଦେଇଛି । ମୁଁ ଜୀବନ ଥିବା ପର୍ଯ୍ୟନ୍ତ ଏହି ପ୍ରକଳ୍ପର ସାହାଯ୍ୟ ଭୁଲିପାରିବିନି ।

ଶ୍ରୀ ନନ୍ଦ ଖିଲା
ଲାଉରିଗୁଡା ଜଳ ବିଭାଜିକା,
କୋରାପୁଟ ବ୍ଲକ



ଆଦିବାସୀ ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ସୂଚନା ଅଧିକାରୀ ଡାଃ. ବୀର କିଶୋର ପରିଡ଼ା ପଶୁପାଳନ ସମ୍ବନ୍ଧରେ ସୂଚନା ପ୍ରଦାନ କରୁଛନ୍ତି ।



ନିଆଳୀରେ ୫ମତମ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ



ନିଆଳୀଠାରେ ୫ମତମ ରାଜ୍ୟ ସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବକୁ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଗୋଲକ ବିହାରୀ ନାୟକ ଆନୁଷ୍ଠାନିକ ଭାବେ ପ୍ରଦୀପ ଜାଳି ଉଦ୍ଘାଟନ କରୁଛନ୍ତି । ନିକଟରେ ଅଛନ୍ତି ପଶୁ ପାଳନ ବିଭାଗର ନିର୍ଦ୍ଦେଶକ- ଶ୍ରୀଯୁକ୍ତ ବିଜୟ କୁମାର ଧଳ ।



ନିଆଳିଠାରେ ୫ମ ତମ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଉପଲକ୍ଷେ ପ୍ରଦର୍ଶିତ ଗୋ-ପ୍ରଦର୍ଶନୀ ।



ଜଗତସିଂହପୁର ଜିଲ୍ଲାରେ ବିରିଡ଼ି ପଶୁ ଚିକିତ୍ସାଳୟର ହାଜିପୁରଠାରେ ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ମତ୍ସ୍ୟ ଓ ପଶୁସଂପଦ ବିକାଶ ମନ୍ତ୍ରୀଙ୍କ ଉହଣରେ ମାନ୍ୟବର ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ. ସୁବାସ ଚଉଧୁରୀଙ୍କ ସହିତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ।




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ପୂର୍ବାଞ୍ଚଳ କୃଷି ମେଳା ଓ ଉତ୍ସବରେ ପଶୁ ସଂପଦ ବିଭାଗର ଏକ ଆକର୍ଷଣୀୟ ପ୍ରଦର୍ଶନୀ ।

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ଶ୍ରୀଯୁକ୍ତ ବିଜୟ କୁମାର ଧଳ, ନିର୍ଦ୍ଦେଶକ ପଶୁପାଳନ ଓ ପଶୁଚିକିତ୍ସା ବିଭାଗ, ଓଡ଼ିଶା
ସହସମ୍ପାଦକ ବୃନ୍ଦ : ଡା. ବୀର କିଶୋର ପରିଡା, ଡା. ରମାକାନ୍ତ ମହାପାତ୍ର, ଡା. ଉଦେଶ ଚନ୍ଦ୍ର ଦାସ, ଡାଃ. ପ୍ରତାପ କୁମାର ସାହୁ
କୋଷାଧ୍ୟକ୍ଷ : ଡା. ନନୀ ଗୋପାଳ ସାମଲ

ପ୍ରକାଶକ : ଓଡ଼ିଶା ପଶୁ ଓ ପଶୁଚିକିତ୍ସା ନିର୍ଦ୍ଦେଶକ, କଟକଙ୍କ ଦ୍ୱାରା ପ୍ରକାଶିତ ।